# Akashvani, Sambalpur

## SAMBALPURI NEWS EVENING BULLETIN

**1 December 2024- 7.02 pm- 7.12 pm.**

**********************************************

୧- ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ - ୩ ଦିନିଆ ଓଡ଼ିଶା ଗସ୍ତ ସାରିକରି ଫିର୍‌ଲେ ନୂଆଦିଲ୍ଲୀ ।

- ଭୁବ୍‌ନେଶ୍ୱର୍ ନ ସର୍ବଭାରତୀୟ ପୁଲିସ୍ ମହାନିର୍ଦ୍ଦେଶକ ସମ୍ମିଳନୀଥି ଜାତୀୟ ସୁରକ୍ଷାକେ ନେଇକରି କଲେ ଆଲୋଚନା ।

୨- କୋଣାର୍କ ଉତ୍ସବ୍‌କେ ଉଦ୍‌ଘାଟନ୍ କଲେ ମୁଖ୍ୟମନ୍ତ୍ରୀ ।

୩- ରାଜ୍ୟର୍ ହୀରାକୁଦ୍ ସହେତେ ୬ ଟା ଜାଗା ନ ଶୁଭାରମ୍ଭ୍ ହେଲା ଇକୋ ରିଟ୍ରିଟ୍ ।

ଆଉର୍

୪- ନୌସେନା ଦିବସ୍ ପାଳନ୍ ଆଘୋନୁ ପୁରୀ ବ୍ଲୁଫ୍ଲାଗ୍ ବିଚ୍ ନ ଆଏଜ୍‌ଠାନୁ ମୁଲ୍ ହେଲା ସମରାଭ୍ୟାସ ।

ଡିଜିପି ସମ୍ମିଳନୀ-ପ୍ରଧାନ୍‌ମନ୍ତ୍ରୀ ଆର୍‌ଏନ୍‌ୟୁ / କଟକ୍

ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ୩ ଦିନିଆ ଓଡ଼ିଶା ଗସ୍ତ ସାରିକରି ନୂଆଦିଲ୍ଲୀ ଫିରିଯାଇଛନ୍ । ଗସ୍ତର୍ ଶେଷ୍ ଦିନେ ପ୍ରଧାନ୍‌ମନ୍ତ୍ରୀ ଭୁବ୍‌ନେଶ୍ୱର୍ ନ ହେଇଥିବା ସର୍ବଭାରତୀୟ ପୁଲିସ୍ ମହାନିର୍ଦ୍ଦେଶକ୍ ଆର୍ ଆଇ.ଜି. ସମ୍ମିଲନୀ ଯୋଗ୍ ଦେଇଥିଲେ । ଇଥି ଦେଶର୍ ସୁରକ୍ଷାକେ ନେଇକରି ଭିନ୍ ଭିନ୍ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗ ଉପ୍‌ରେ ଆଲୋଚନା ହେଇଛେ । ବୈଠକ୍‌ଥି ଜାତୀୟ ସୁରକ୍ଷାକେ ନେଇକରି ଗୁଟେ ଖସଡ଼ା ତିଆର୍ କରାଯିବାର୍ ସହେତେ ଆତଙ୍କବାଦ୍ ଆର୍ ମାଓବାଦୀ ମୁକାବିଲା, ଅନ୍ତର୍ଜାତୀୟ ସୀମା ଆଉ ଉପକୂଳ ସୁରକ୍ଷା, ସାଇବର୍ ଅପରାଧ୍ ଆର୍ ବେଆଇନ୍ ନିଶା ଦରବ୍ କାର୍‌ବାର୍‌କେ ରୁକ୍‌ବାର୍ ଲାଗି ରଣନୀତି ତିଆର୍ କରାଯାଇଛେ । ପୁଲିସ୍ ତଦନ୍ତ୍‌ଥି ନୂଆଁ ଜ୍ଞାନ୍ କୌଶଲ୍ ଆର୍ ପୁଲିସ୍‌ମାନ୍‌କର୍ ଭଲ୍ ବେଭାର୍ ନେଇକରି ଆଲୋଚନା ହେଇଥିବାର୍ ଜନାପଡ଼ିଛେ । ବୈଠକ୍‌ଥି ଆଭ୍ୟନ୍ତରିଣ ସୁରକ୍ଷା ଲାଗି ପ୍ରଧାନ୍‌ମନ୍ତ୍ରୀ ଶୂନ୍ୟ ସହନଶୀଳତା ନୀତି ଅପ୍‌ନାବାର୍ ଉପ୍‌ରେ ଜୋର୍ ଦେଇଛନ୍ । ସେନ୍ତା ପ୍ରଧାନ୍‌ମନ୍ତ୍ରୀ ଦେଶ୍ ସୁରକ୍ଷା ବାବ୍‌ଦେ ଆହ୍ୱାନ୍‌ର ମୁକାବିଲା ଲାଗି ପରାମର୍ଶ ଦେଇଥିବାର୍ ଜନାପଡ଼ିଛେ ।

ଇନ ଜନେଇ ଦିଆଯାଇପାରେ ଯେ, ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ ଗଲା ୨୯ ତାରିଖ୍ ଦିନ ଡିଜିପି ସମ୍ମିଲନୀ ଆର୍ ଅଲ୍‌ଗା ଦଲୀୟ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେବାର୍ ଲାଗି ଓଡ଼ିଶା ଆସିଥିଲେ ।

କୋଣାର୍କ ଉତ୍ସବ୍       ଆର୍‌ଏନ୍‌ୟୁ / ସମ୍ବଲପୁର

ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କୋଣାର୍କ ମହୋତ୍ସବ୍ କେ ଆଏଜ୍ ଉଦ୍‌ଘାଟନ୍ କରିଛନ୍ । ଇ ମହୋତ୍ସବ୍ ଆଏବା ୫ ତାରିଖ୍‌ତକ୍ ଚାଲ୍‌ବା । କୋଣାର୍କ ମୁକ୍ତାକାଶ ରଙ୍ଗମଂଚ ନ ହେବାର୍‌କେ ଥିବା ସାଂସ୍କୃତିକ ସନ୍ଧ୍ୟାଥି ଓଡ଼ିଶୀ, କଥକ୍, ମଣିପୁରୀ, ମହିନୀୟାଟ୍ଟମ୍, କୁଚିପୁଡ଼ି, ଭାରତ୍‌ନାଟ୍ୟମ୍ ବାଗିର୍ ଶାସ୍ତ୍ରୀୟ ନୃତ୍ୟ କାର୍ଯ୍ୟକ୍ରମ୍ ହେଉଛେ । ଉଦ୍‌ଘାଟନୀ ସମାରୋହଥି ମୁଖ୍ୟମନ୍ତ୍ରୀଙ୍କର୍ ସାଙ୍ଗେ ଉପମୁଖ୍ୟମନ୍ତ୍ରୀ ପ୍ରଭାତୀ ପରିଡ଼ା ଆର୍ ପିପିଲି, ସତ୍ୟବାଦୀ, କାକଟପୁର୍ ବିଧାୟକ୍ ଉପସ୍ଥିତ୍ ଥିଲେ । ରାଜ୍ୟ ସର୍‌କାର୍‌ଙ୍କର୍ ପର୍ଯ୍ୟଟନ୍ ବିଭାଗ୍, ଓଡ଼ିଆ ଭାଷା, ସାହିତ୍ୟ ଆଉ ସଂସ୍କୃତି ବିଭାଗ୍, ଓଡ଼ିଶା ସଂଗୀତ୍ ନାଟକ୍ ଏକାଡେମୀ ତର୍‌ଫୁ ଇ କାର୍ଯ୍ୟକ୍ରମ୍ ଆୟୋଜନ୍ କରାଯାଇଛେ ।

ଇକୋ ରିଟ୍ରିଟ୍       ଆର୍‌ଏନ୍‌ୟୁ / ସମ୍ବଲପୁର

ହୀରାକୁଦ୍ ସହେତେ ୬ ଟା ଜାଗା ନ ଆଏଜ୍ ଇକୋ ରିଟ୍ରିଟ୍ ୨୦୨୪-୨୫ ମୁଲ୍ ହେଇଛେ । କୋରାପୁଟ୍, ଭିତର୍‌କନିକା, ସାତକୋଶିଆ, ଦାରିଙ୍ଗ୍‌ବାଡ଼ି, ହୀରାକୁଦ୍ ଆର୍ ସୋନାପୁର୍

ବେଳାଭୂମି ନ ଇକୋ ରିଟ୍ରିଟ୍ ର ଶୁଭାରମ୍ଭ କରାଯାଇଛେ । ଇ ଜାଗା ମାନ୍‌କେ ସେନର୍ ବିଧାୟକ୍, ଜିଲ୍ଲାପାଲ୍, ପର୍ଯ୍ୟଟନ୍ ବିଭାଗ୍‌ର ଅଧିକାରୀ ଆର୍ ପ୍ରଶାସନ୍‌ର ବରିଷ୍ଠ ଅଧିକାରୀମାନେ ଇତାର୍ ଶୁଭାରମ୍ଭ କରିଛନ୍ । ୨ ନମ୍ବର୍ ଖେପେ କୋଣାର୍କ ନ ଆଏବା ୧୫ ତାରିଖ୍‌ନୁ ଇକୋ ରିଟ୍ରିଟ୍ ମୁଲ୍ ହେବା । ୩ ମାସ୍ ଧରିକରି ଚାଲ୍‌ବାର୍‌କେ ଥିବା ଇ କାର୍ଯ୍ୟକ୍ରମ୍‌ଥି ଇଥର ପର୍ଯ୍ୟଟକ୍‌ଙ୍କର୍ ସୁରକ୍ଷା ଉପ୍‌ରେ ବିଶେଷ୍ ଜୋର୍ ଦିଆଯିବା ।

ହୀରାକୁଦ୍ ଇକୋ ରିଟ୍ରିଟ୍‌କେ ଉତରାଂଚଲ୍ ଆଇ.ଜି. ହିମାଂଶୁ ଲାଲ୍ ଉଦ୍‌ଘାଟନ୍ କରିଛନ୍ । ଇଠାନେ ପର୍ଯ୍ୟଟକ୍‌ମାନେ ବିଳାସ୍‌ପୂର୍ଣ୍ଣ ହୋଟେଲ୍‌ର ସୁବିଧା ପାଇପାର୍‌ବେ । ଇତାର୍‌ଛଡ଼ା ପାରାସେଲିଂ, ହୀରାକୁଦ୍ ଜଲ୍‌ଭଣ୍ଡାର୍ ନ ବୋଟିଂ, ସାଇକେଲ୍ ରାଇଡିଂ ଆର୍ ସମ୍ବଲ୍‌ପୁର୍‌ର ଭିନ୍ ଭିନ୍ ଦର୍ଶନୀୟ ଜାଗା ବୁଲି ପାର୍‌ବେ । ସେନ ତିଆର୍ ହେଇଥିବା କଟେଜ୍ ମାନ୍‌କେ ବସିକରି ହୀରାକୁଦ୍ ଜଲ୍‌ଭଣ୍ଡାର୍‌ହ ସୁନ୍ଦରତା ଉପଭୋଗ୍ କରିପାର୍‌ବେ । ସେଆଡ଼େ ଇ ବଛର୍ ପର୍ଯ୍ୟଟକ୍‌ମାନ୍‌କୁ ଅଏତ୍‌କାନୁ ଅଏତ୍‌କା ଆକୃଷ୍ଟ କର୍‌ବାର୍ ଲାଗି ଇକୋ ରିଟ୍ରିଟ୍ ତର୍‌ଫୁ ଆଉଟ୍‌ଡୋର୍ ଏକ୍ଟିଭିଟି କରାଯିବା ।

ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ଶୁଣାଣି ବନ୍ଦ ଆର୍‌ଏନ୍‌ୟୁ

/ସମ୍ବଲପୁର

ବିଧାନ୍‌ସଭା ଚାଲିଥିବାର୍‌ନୁ ଇ ମାସର ସୋମ୍‌ବାର୍ ମାନ୍‌କେ ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା । ସାଧାରଣ ପ୍ରଶାସନ୍ ଆଉ ସାଧାରଣ୍ ଅଭିଯୋଗ୍ ବିଭାଗ୍‌ର ସୂଚ୍‌ନା ଅନ୍‌ସାରେ ଇ ମାସ ଆଏବା କାଏଲ୍, ୯, ୧୬, ୨୩ ଆର୍ ୩୦ ତାରଖ୍ ଦିନ ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ଶୁଣାଣି ବନ୍ଦ୍ ରହେବା ।

ଆୟୁଷ୍ମାନ୍ ଭାରତ୍ ଆର୍‌ଏନ୍‌ୟୁ/ କଟକ୍

ରାଏଜେ ଆୟୁଷ୍ମାନ୍ ଭାରତ୍ ଯୋଜ୍‌ନା ଆର୍ ଗୋପବନ୍ଧୁ ଆରୋଗ୍ୟ ଯୋଜ୍‌ନା ମିଶିକରି ଖୋବ୍ ଜଲ୍‌ଦି କାର୍ଯ୍ୟକାରୀ ହେବା ବଲି ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ କହିଛନ୍ । ଗଣମାଧ୍ୟମ୍‌କେ ସୂଚ୍‌ନା ଦେଇକରି ସ୍ୱାସ୍ଥ୍ୟମନ୍ତ୍ରୀ କହିଛନ୍ ଯେ, ରାଏଜେ ସାଢ଼େ ୩ କୋଟି ଲୁକ୍‌କୁ ସ୍ୱତନ୍ତ୍ର ସ୍ୱାସ୍ଥ୍ୟକାର୍ଡ଼ ଦିଆଯିବା । ଦେଶର୍ ୨୭ ହଜାର୍ ଡାକ୍ତର୍‌ଖାନାଥି ସ୍ୱାସ୍ଥ୍ୟ କାର୍ଡ଼ ଜରିଆଥି ଚିକିତ୍ସା ସୁବିଧା ମିଲିପାର୍‌ବା ।

ରାଷ୍ଟ୍ରଗଠନ୍‌ରେ ଶିକ୍ଷକ୍‌ଙ୍କ ଭୂମିକା ଆର୍‌ଏନ୍‌ୟୁ/ କଟକ୍

ସମାଜ୍ ଆଉ ରାଷ୍ଟ୍ରଗଠନ୍‌ଥି ଶିକ୍ଷକ୍‌ମାନ୍‌କର୍ ଭୂମିକା ଗୁରୁତ୍ୱପୂର୍ଣ୍ଣ ଆଏ । ଦେଶ୍‌କେ ଉନ୍ନତିପଥଥି ଆଗେଇ ନେବାର୍ ଲାଗି ଶିକ୍ଷକ୍‌ମାନ୍‌କର୍ ବହୁତ୍‌ଟେ ଅବଦାନ୍ ରହିଛେ ବଲି ଉଚ୍ଚଶିକ୍ଷା ମନ୍ତ୍ରୀ ସୂର୍ଯ୍ୟବଂଶୀ ସୂରଜ୍ କହିଛନ୍ । ଭୁବ୍‌ନେଶ୍ୱର୍‌ର ଆଂଚଲିକ୍ ଶିକ୍ଷା ପ୍ରତିଷ୍ଠାନ୍ ନ ହେଇଥିବା ରାଷ୍ଟ୍ରୀୟ ଶୈକ୍ଷିକ ମହାସଂଘର ବାର୍ଷିକ ସମ୍ମିଳନୀଥି ଯୋଗ୍ ଦେଇକରି ଶିକ୍ଷାମନ୍ତ୍ରୀ କହିଛନ୍ ଯେ, ରାଷ୍ଟ୍ରୀୟ ଶିକ୍ଷାନୀତି ୨୦୨୦ ଲାଗି ଦେଶର୍ ଯୁବଶକ୍ତିଙ୍କୁ ଆତ୍ମନିର୍ଭର୍ କର୍‌ବାର୍‌ଥି ଗୁଟେ ବଳିଷ୍ଠ ପଦକ୍ଷେପ୍ ଆଏ ।

ନୌସେନା ଦିବସ୍        ଆର୍‌ଏନ୍‌ୟୁ/ କଟକ୍

ପୁରୀ ବେଲାଭୂମି ନ ପହେଲାଥର୍ ଲାଗି ଇ ମାସର୍ ୪ ତାରିଖ୍ ଦିନ ଭାରତୀୟ ନୌସେନା ଦିବସ୍ ପାଲନ୍ କରାଯିବା । ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଇ କାର୍ଯ୍ୟକ୍ରମ୍‌ଥି ମୁଖ୍ୟଅତିଥି ଭାବେ ଯୋଗ୍ ଦେବେ । ନୌସେନା ଦିବସ୍ ପାଲନ୍ ଆଘୋନୁ ପୁରୀ ବେଲାଭୂମିଥି ନୌସେନାର ସମରାଭ୍ୟାସ ଚାଲିଛେ । ନୌସେନାର ୨୫ ନୁ ଅଏତ୍‌କା ଯୁଦ୍ଧ ଜାହାଜ ଆର୍ ହେଲିକେପ୍ଟର୍ ସମରାଭ୍ୟାସଥି ସାମିଲ୍ କରାଯାଇଛେ ।

ନୌସେନା ତର୍‌ଫୁ ୨୦ ପ୍ରକାରର୍ ଯୁଦ୍ଧକୌଶଳ ପ୍ରଦର୍ଶନ୍ କରାଯିବା । ନୌସେନାର୍ ଯୋଦ୍ଧା ମାନେ ଆକାଶ୍‌ଥି ମିଗ୍-୨୯

ଯୁଦ୍ଧବିମାନ୍‌ର କୌଶଲ୍ ପ୍ରଦର୍ଶନ୍ କର୍‌ବେ । ଇତାର୍ ସହେତେ ନୌସେନାର୍ ସ୍ୱତନ୍ତ୍ର ମାର୍କୋସ୍ କମାଣ୍ଡୋ ବେଳାଭୂମିଥି ଅପରେସନ୍ କର୍‌ବେ । ନୌସେନାର ସମରାଭ୍ୟାସ୍‌କେ ଦେଖ୍‌ବାର୍ ଲାଗି ଲାଖ୍ ଲାଖ୍ ଲୋକ୍ ଜମା ହେବାର୍ ସମ୍ଭାବନା ରହିଛେ । ଇତାକେ ନଜର୍‌ଥି ରଖିକରି ପୁରୀ ବଡ଼ଦାଣ୍ଡ ସହେତେ ସହରର୍ ଅଲ୍‌ଗା କେତେଟା ଜାଗା ନ ଆଏଜ୍‌ଠାନୁ ଗୁରୁବାର୍‌ତକ୍ କଟ୍‌କନା ଲାଗୁ ରହେବା ।

ବିଶ୍ୱ ଏଡ଼୍‌ସ୍ ଦିବସ୍ ପାଳନ ଆର୍‌ଏନ୍‌ୟୁ

କଟକ୍/ ସମ୍ବଲ୍‌ପୁର/

ସୁବର୍ଣ୍ଣପୁର/ ଝାର୍‌ସୁଗୁଡ଼ା/ ନୂଆପଡ଼ା

‘ଉଚିତ୍ ମାର୍ଗ ବାଛ, ମୋ ସ୍ୱାସ୍ଥ୍ୟ ମୋ ଅଧିକାର୍’ ବାର୍ତା ନେଇକରି ଆଏଜ୍ ବିଶ୍ୱ ଏଡ଼୍‌ସ୍ ଦିବସ୍ ପାଳନ୍ କରାଯାଉଛେ । ଏଚ୍‌ଆଇଭି ସଙ୍ଗେ ଜିଉଁଥିବା ଲୁକ୍‌କୁ ସମର୍ଥନ୍ ଆଉ ଏଡସ୍ ବାବ୍‌ଦେ ସଚେତନତା ସୃଷ୍ଟି କର୍‌ବାର୍‌ଟା ଇ ଦିବସ୍ ପାଳନ୍‌ର ମୁଲ୍ ଲକ୍ଷ୍ୟ ଆଏ । ପୁର୍‌ଥି ନ ଏଛେନ୍‌ତକ୍ ପାଖାପାଖି ୪ କୋଟି ଲୋକ୍ ଏଡ଼୍‌ସ୍ ରୋଗଥି ଆକ୍ରାନ୍ତ ହେଇଛନ୍ । ସେମାନ୍‌କର୍ ଭିତ୍‌ରୁ ୬ ଲାଖ୍ ୩୦ ହଜାର୍‌ନୁ ଅଏତ୍‌କା ଲୁକ୍‌କର୍ ଇ ରୋଗଥି ଜୀବନ୍ ଯାଇଛେ ।

ବିଶ୍ୱ ଏଡ଼୍‌ସ୍ ଦିବସ୍ ଅବ୍‌ସରେ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ କହିଛନ୍ ଯେ, ରାଏଜେ ୨୦୩୦ ତକ୍ ଏଡ଼୍‌ସ୍ ରୋଗ୍‌କେ ଶୂନ୍ୟ ସଂକ୍ରମଣ୍ କର୍‌ବାର୍ ଲାଗି ଲକ୍ଷ୍ୟ ଧାର୍ଯ୍ୟ କରାଯାଇଛେ । ସ୍ୱାସ୍ଥ୍ୟ ଆଉ ପରିବାର୍ କଲ୍ୟାଣ୍ ମନ୍ତ୍ରୀ ଡକ୍ଟର୍ ମୁକେଶ୍ ମହାଲିଙ୍ଗ୍ ଇ ଅବ୍‌ସରେ ଏଡ୍‌ସ୍ ନିୟନ୍ତ୍ରଣ୍ କର୍‌ବାର୍ ସହେତେ ସ୍ୱାସ୍ଥ୍ୟ ଆଉ ମାନବିକ ଅଧିକାର୍ ଲାଗି ଆଝିର୍ ଦିନେ ଶପଥ୍ ନେବାର୍ ଲାଗି ଲୋକ୍‌ମାନ୍‌କୁ ଆହ୍ୱାନ୍ ଦେଇଛନ୍ ।

କଲାହାଣ୍ଡି ଜିଲ୍ଲା ଭବାନୀପାଟ୍‌ନାର୍ ଟାଉନ୍ ହଲ୍ ନ ବିଶ୍ୱ ଏଡ୍‌ସ୍ ଦିବସ୍ ପାଲିତ୍ ହେଇଯାଇଛେ । ଇଥି ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ ଅଧିକାରୀ ନିହରେନ୍ଦ୍ର ପଣ୍ଡା ମୁଖ୍ୟ ଅତିଥି ଭାବେ ଯୋଗ୍ ଦେଇଥିବାର୍ ବେଲେ ଜନସ୍ୱାସ୍ଥ୍ୟ ଅଧିକାରୀ ରାକେଶ୍ ସାହୁ ମୁଖ୍ୟବକ୍ତା ଭାବେ ଯୋଗ୍ ଦେଇଥିଲେ । ସେନ୍ତା ସାମ୍ବାଦିକ୍ ସତ୍ୟନାରାୟଣ୍ ମହାପାତ୍ର, ଜିଲ୍ଲା ସୂଚନା ଆଉ ଲୋକସମ୍ପର୍କ ଅଧିକାରୀ ହଲଧର୍ ନିଆଲ୍, ବେଦାନ୍ତ କମ୍ପାନୀର୍ ଏଜିଏମ୍ ସଚିନ୍ ତୁଙ୍ଗେ ସମ୍ମାନିତ୍ ଅତିଥି ଭାବେ ଯୋଗ୍ ଦେଇକରି ଏଡ୍‌ସ୍ ରୋଗ୍‌ର ମୁକାବିଲା ଲାଗି ସମସ୍ତଙ୍କୁ ସଚେତନ୍ ହେବାର୍ ଦର୍‌କାର୍ ରହିଛେ ବଲି କହିଥିଲେ । ଇ ଅବ୍‌ସରେ ସଖାଲେ ଗୁଟେ ସଚେତନତା ଶୋଭାଯାତ୍ରା ଜିଲ୍ଲା ମୁଖ୍ୟ ଡାକ୍ତର୍‌ଖାନାନୁ ବାହାରିକରି ସହର୍ ପରିକ୍ରମା କରିଥିଲା ।

ସୁବର୍ଣ୍ଣପୁର୍ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ତାଲିମ୍ ସଭା ଗୃହ ନ ବିଶ୍ୱ ଏଡ଼୍‌ସ୍ ଦିବସ୍ ଅବ୍‌ସରେ ଜିଲ୍ଲା ମୁଖ୍ୟ ଚିକିତ୍ସା ଆଉ

ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର୍ ପ୍ରଦୀପ୍ କୁମାର୍ ଗୁରୁଙ୍କର୍ ଅଧ୍ୟକ୍ଷତାଥି ଗୁଟେ ସଭା ହେଇଥିଲା । ଇଥି ବହୁତ୍‌ଟେ ସିଆନ୍ ସୁଜନ୍ ଯୋଗ୍ ଦେଇକରି ଏଡ଼୍‌ସ୍ ରୋଗ୍ ବିଷେ ଲୁକ୍‌କୁ ସଚେତନ୍ କର୍‌ବାର୍ ଉପ୍‌ରେ ଜୋର୍ ଦେଇଥିଲେ । ଇ ଅବ୍‌ସରେ ଗୁଟେ ସଚେତନତା ରେଲି ସହର୍ ବୁଲିଥିଲା ।

ସେନ୍ତା ସମ୍ବଲ୍‌ପୁର୍ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟ ପରିସର ନ ବିଶ୍ୱ ଏଡ଼୍‌ସ୍ ଦିବସ୍ ପାଲିତ୍ ହେଇଯାଇଛେ । ଇ ଅବ୍‌ସରେ ଏଏନ୍‌ଏମ୍ ଛାତ୍ରୀମାନ୍‌କୁ ନେଇକରି  ଗୁଟେ ସଚେତନତା ରେଲି ହେଇଥିଲା । ଇତାର୍‌ଛଡ଼ା ଗୁଟେ ସଚେତନତା ବୈଠକ୍ ଭିଲ୍ ହେଇଥିଲା ।

ସେଆଡ଼େ ଝାର୍‌ସୁଗୁଡ଼ା ଠାନେ ଏଡ୍‌ସ୍ ଦିବସ୍ ଅବ୍‌ସରେ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ସଚେତନତା ଶୋଭାଯାତ୍ରା ଆର୍ ସଭା ଆୟୋଜନ୍ କରାଯାଇଥିଲା ।

ନୂଆପଡ଼ା ସବ୍‌ସେଂଟର୍ ଆୟୁଷ୍ମାନ୍ ଆରୋଗ୍ୟ ମନ୍ଦିର୍ ଠାନେ ଏଡ୍‌ସ୍ ଦିବସ୍ ଅବ୍‌ସରେ ସ୍ୱେଚ୍ଛାକୃତ ରକ୍ତଦାନ୍ ଶିବିର ହେଇଯାଇଛେ । ଶିବିରଥି ୧୬ ୟୁନିଟ୍ ରକ୍ତ ସଂଗୃହିତ ହେଇଥିଲା । ଇତାର୍‌ଛଡ଼ା ଗୁଟେ ସଚେତନତା ରେଲି ଆର୍ ସାଧାରଣ୍ ସଭାର୍ ଆୟୋଜନ୍ କରାଯାଇଥିଲା ।

ବୌଦ୍ଧ ଜିଲ୍ଲା ସ୍ୱାସ୍ଥ୍ୟ ବିଭାଗ୍ ତର୍‌ଫୁ ତାଲିମ୍ କେନ୍ଦ୍ର ଠାନେ ଜିଲ୍ଲାସ୍ତରୀୟ ବିଶ୍ୱ ଏଡ଼୍‌ସ୍ ଦିବସ୍ ପାଲିତ୍ ହେଇଛେ । ଜିଲ୍ଲା ମୁଖ୍ୟ ସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର୍ ଜୟକୃଷ୍ଣ ମିଶ୍ରଙ୍କର୍ ଅଧ୍ୟକ୍ଷତାଥି ହେଇଥିବା କାର୍ଯ୍ୟକ୍ରମ୍‌ଥି ଜନସ୍ୱାସ୍ଥ୍ୟ ଅଧିକାରୀ ଡାକ୍ତର୍ ମଦନ୍‌ମୋହନ୍ ପ୍ରଧାନ୍ ଅତିରିକ୍ତ ଜିଲ୍ଲା ଜନସ୍ୱାସ୍ଥ୍ୟ

ଅଧିକାରୀ ବି.କେ. ଆର୍.ସି. ହେମ୍ବ୍ରମ୍ ଯୋଗ୍ ଦେଇକରି ଏଡ୍ସ୍ ରୋଗର୍ ପ୍ରତିରୋଧ୍ ଆଉ ପ୍ରତିକାର୍ ଲାଗି ଲୁକ୍‌କୁ ସଚେତନ୍ କର୍‌ବାର୍ ଉପ୍‌ରେ ଜୋର୍ ଦେଇଥିଲେ ।

ନୂଆପଡ଼ା-ମୋତିଆ ବିନ୍ଦୁ ଚିହ୍ନଟ୍ ଶିବିର  ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ ଅଗ୍ରସେନ୍ ଧର୍ମଶାଳା ପରିସର ନ ମୋତିଆ ବିନ୍ଦୁ ଚିହ୍ନଟ୍ ଶିବିର ହେଇଯାଇଛେ । ଶିବିରଥି ୩୭ ଝନ୍ ବୟସ୍କ ଲୁକ୍‌କର୍ ଆଖି ପରୀକ୍ଷା କରିକରି ଉଷୋ ଦିଆଯାଇଥିଲା । ସେମାନ୍‌କର୍ ଭିତ୍‌ରୁ ୧୨ ଝନ୍ ମୋତିଆବିନ୍ଦୁ ଆଉ ୮ ଝନ୍‌କୁ ଚିକିତ୍ସା ଲାଗି ପରାମର୍ଶ ଦିଆଯାଇଥିଲା ।

ବୌଦ୍ଧ ବୁଣାକାର୍-ଜିଲ୍ଲାପାଲ୍        ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ନ ବୁଣାକାର୍‌ମାନ୍‌କର୍ ଉନ୍ନତି ଲାଗି ସର୍‌କାର୍‌ଙ୍କର୍ ତର୍‌ଫୁ କରାଯାଇଥିବା ଯୋଜ୍‌ନାର୍ ସୁଫଲ୍ ମିଳୁଛେ କି ନାଇଁ ସେଟା ଜାନ୍‌ବାର୍ ଲାଗି ଜିଲ୍ଲାପାଲ୍ ସୁବ୍ରତ୍ କୁମାର୍ ପଣ୍ଡା ନାରାୟଣ୍ ନଗର୍ ପରିଦର୍ଶନ୍ କରିଥିଲେ । ଇ ଅବ୍‌ସରେ ଜିଲ୍ଲାପାଲ୍ ବୁଣାକାର୍‌ମାନେ କେନ୍ତା ବୁଣାବୁନି କରୁଛନ୍ ସେଟା ଦେଖିବାର୍ ଲାଗି ଘର୍‌କେ ଘର୍‌କେ

ଯାଇକରି ପଚ୍‌ରେଇ ବୁଝିଥିଲେ । ଇତାର୍‌ଉତ୍‌ରୁ ବହିରା ଗ୍ରାମ୍‌ପଂଚାୟତ୍‌ର ମନାକମାନ ଗାଁ ନ ହେଇଥିବା ମହିଳା ରଙ୍ଗ ତାଲିମ୍ କେନ୍ଦ୍ରର ଉଦ୍‌ଯାପନୀ କାର୍ଯ୍ୟକ୍ରମ୍‌ଥି ଯୋଗ୍ ଦେଇକରି ଶ୍ରୀ ପଣ୍ଡା ଇ କଳାକେ ବଂଚେଇ ରଖିବାର୍ ଲାଗି ପରାମର୍ଶ ଦେଇଥିଲେ ।

ସମ୍ବିଧାନ୍ ଦିବସ ସୁବର୍ଣ୍ଣପୁର୍ ସମ୍ବାଦଦାତା

ଅଖିଲ୍ ଭାରତୀୟ ଅଧିବକ୍ତା ପରିଷଦ୍, ସୁବର୍ଣ୍ଣପୁର୍ ଶାଖା ତର୍‌ଫୁ ସମ୍ବିଧାନ୍ ଦିବସ୍ ପାଲିତ୍ ହେଇଯାଇଛେ । କୃଷି ବିଜ୍ଞାନ୍ ପରିସର୍ ନ ହେଇଥିବା ଇ କାର୍ଯ୍ୟକ୍ରମ୍‌ଥି ଜିଲ୍ଲାପାଲ୍ ଅନ୍ୟା ଦାସ, ଫୁଲ୍‌ବାଣୀର ବରିଷ୍ଠ ଓକିଲ ଭି.ଭି. ରାମ୍‌ଦାସ ଆଉ ଅତିରିକ୍ତ ପୁଲିସ୍ ଆରକ୍ଷୀ ଅଧିକ୍ଷକ ବୀରେନ୍ଦ୍ର କୁମାର୍ ନାଏକ୍ ଯୋଗ୍ ଦେଇକରି ସମ୍ବିଧାନ୍ ପ୍ରଣେତାଙ୍କୁ ମନେ ପକେଇକରି ସମ୍ବିଧାନ୍ ବାବ୍‌ଦେ ଆଲୋଚନା କରିଥିଲେ ।